## ମୋଦୀ-ଜିନ୍‌ପିଙ୍ଗ୍ ଦ୍ୱିତୀୟ ଅନୌପଚାରିକ ଆଲୋଚନା ଶେଷ

# ବାଣିଜ୍ୟ ବୃଦ୍ଧି ନେଇ ଗଠନ ହେବ କମିଟି

**ମାମଲ୍ଲାପୁରମ୍, ୧୨।୧୦/ଏଜେନ୍ସି :**

ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଓ ପୁଞ୍ଜିନିବେଶ କ୍ଷେତ୍ରରେ ସହଯୋଗ ବୃଦ୍ଧିନେଇ ଏକ ଉଚ୍ଚ କ୍ଷମତାପନ୍ନ କମିଟି ଗଠନ କରାଯିବ। ତାମିଲନାଡୁର ମାମଲ୍ଲାପୁରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅନୌପଚାରିକ ଶୀର୍ଷ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦୁଇ ଦିନିଆ ବୈଠକ ଶେଷରେ ବୈଦେଶିକ ସଚିବ ବିଜୟ ଗୋଖ୍‌ଲେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ଉଚ୍ଚ କ୍ଷମତାପନ୍ନ କମିଟିରେ ଭାରତର ଅର୍ଥମନ୍ତ୍ରୀ ଓ ଚୀନ୍‌ର ଉପରାଷ୍ଟ୍ରପତି ସଦସ୍ୟ ରହିବେ। ଚୀନ୍ ଓ ଭାରତ ମଧ୍ୟରେ ବାଣିଜ୍ୟିକ ନିଅଣ୍ଟ ବାର୍ଷିକ ୫୫୦୦ କୋଟି ଡଲାରରେ ପହଞ୍ଚିଛି। ଅର୍ଥାତ୍ ଚୀନ୍‌ର ଆମଦାନୀ ତୁଳନାରେ ରପ୍ତାନି ଅଧିକ ହେଉଥିବାରୁ ଏହି ବାଣିଜ୍ୟ ନିଅଣ୍ଟକୁ କିପରି କମାଯାଇ ପାରିବ, ସେ ସମ୍ପର୍କରେ ଏହି ଉଚ୍ଚ ସ୍ତରୀୟ କମିଟି ପଦକ୍ଷେପ ଗ୍ରହଣ କରିବ। ଏହାଛଡ଼ା ଭାରତର ଶିଳ୍ପସଂସ୍ଥାଗୁଡ଼ିକୁ ଚୀନ୍ ବଜାରରେ ଅଧିକ ସୁଯୋଗ ଦେବାକୁ ଏହି କମିଟି ପ୍ରସ୍ତାବ ଦେବ।

ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାମିଲନାଡୁର କୋଭଲମ୍ ସ୍ଥିତ ତାଜ୍ ଫିସରମ୍ୟାନ୍ କୋଭ୍ ରିସର୍ଟରେ ପ୍ରଥମେ ସିଧାସଳଖ (ୱାନ୍ ଟୁ ୱାନ୍) ଆଲୋଚନା କରିଥିଲେ। ଏହାପରେ ପ୍ରତିନିଧି ସ୍ତରୀୟ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଉପସ୍ଥିତ ଥିଲେ। ଦୁଇ ନେତା କୂଟନୈତିକ ସ୍ତରରେ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଦେଶିକ ସଚିବ ଗୋଖ୍‌ଲେ କହିଛନ୍ତି, ଦୁଇ ନେତାଙ୍କ ମଧ୍ୟରେ ପ୍ରାୟ ୬ ଘଣ୍ଟା ଧରି ଆଲୋଚନା ହୋଇଥିଲା। ବିନିର୍ମାଣ (ମ୍ୟାନୁଫ୍ୟାକ୍‌ଚରିଙ୍ଗ୍) କ୍ଷେତ୍ରରେ ଭାଗୀଦାରୀ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଉପରେ ଦୁଇ ନେତା ଆଲୋଚନା କରିଥିଲେ। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଜିନ୍‌ପିଙ୍ଗ୍ ପ୍ରତିଶ୍ରୁତି ଦେଇଥିଲେ। ଏହା ଦ୍ୱାରା ଦୁଇ ଦେଶର ସେନା ପରସ୍ପରର ଅଧିକ ବିଶ୍ୱାସଭାଜନ ହୋଇପାରିବେ। ଖୁବ୍ ଶୀଘ୍ର ଭାରତର ପ୍ରତିରକ୍ଷା ମନ୍ତ୍ରୀ ଚୀନ୍ ଗସ୍ତରେ ଯିବେ ବୋଲି ସ୍ଥିର ହୋଇଛି।

ଆତଙ୍କବାଦ ପ୍ରସଙ୍ଗରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଶ୍ୱରେ ମୌଳବାଦ ଓ ଆତଙ୍କବାଦ ବଡ଼ ଚ୍ୟାଲେଞ୍ଜ୍ ହୋଇଥିବାରୁ ଏହାର ମିଳିତ ମୁକାବିଲା କରାଯିବା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଜିନ୍‌ପିଙ୍ଗ୍ ମୋଦୀଙ୍କ ସହ ଏକମତ ହୋଇଛନ୍ତି। କଶ୍ମୀର ପ୍ରସଙ୍ଗରେ ପ୍ରଶ୍ନ ହେବାରୁ ବୈଦେଶିକ ସଚିବ ଗୋଖଲେ କହିଛନ୍ତି, ଦୁଇ ନେତାଙ୍କ ଆଲୋଚନା ବେଳେ ଏହି ପ୍ରସଙ୍ଗ ଉତ୍ଥାପିତ ହୋଇନାହିଁ। ଏ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଅତି ସ୍ପଷ୍ଟ ବୋଲି ଦର୍ଶାଇ ଗୋଖ୍‌ଲେ କହିଛନ୍ତି, ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ତେବେ ଜିନ୍‌ପିଙ୍ଗ୍ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବେଜିଂ ଗସ୍ତ ସମ୍ପର୍କରେ ମୋଦୀଙ୍କୁ ଅବଗତ କରିଥିଲେ।

ଶନିବାର ମାମଲ୍ଲାପୁରମରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସହ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିନିଧି ସ୍ତରୀୟ ଆଲୋଚନାରେ ମୋଦୀ କହିଥିଲେ, ଭାରତ ଓ ଚୀନ୍ ମଧ୍ୟରେ ସହଯୋଗର ଏକ ନୂତନ ଯୁଗ ଆରମ୍ଭ ହୋଇଛି। ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କ ବୃଦ୍ଧି ପାଇଛି। ଆମେ ଆମର ମତାନ୍ତରକୁ ବିବାଦରେ ପରିଣତ ନ କରି ବିଚାରଶୀଳତାର ସହ ଏହାର ସମାଧାନ କରିବାକୁ ନିଷ୍ପତ୍ତି ନେଇଛୁ। ଆମେ ପରସ୍ପରର ଆବଶ୍ୟକତାକୁ ନେଇ ସମ୍ବେଦନଶୀଳ ଓ ସଚେତନ ରହିଛୁ। ଆମ ସମ୍ପର୍କ ବିଶ୍ୱଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ସହାୟକ ହେବ। 'ଚେନ୍ନାଇ ସଂଯୋଗ' ଭାରତ-ଚୀନ୍ ସମ୍ପର୍କକୁ ମଜଭୁତ କରିବ ବୋଲି ମୋଦୀ କହିଥିଲେ।

ଅପରପକ୍ଷରେ ଜିନ୍‌ପିଙ୍ଗ୍ ଭାରତ - ଚୀନ୍ ସମ୍ପର୍କ ବୃଦ୍ଧି ପାଇଁ ଏକ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସହଯୋଗକୁ ନ୍ୟୁନ କରୁଥିବା ଦ୍ୱିପାକ୍ଷିକ ମତଭେଦ ଦୂର କରିବାକୁ ହେବ। ଉଭୟ ଦେଶ ପାଇଁ 'ଡ୍ରାଗନ୍ ଓ ହାତୀ'ର ନୃତ୍ୟ ଆମର କାମ୍ୟ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି।



### ବୈଠକରେ ଉଠିଲା ନାହିଁ କଶ୍ମୀର ପ୍ରସଙ୍ଗ

### ଆତଙ୍କବାଦର ମିଳିତ ମୁକାବିଲା ପାଇଁ ସହମତି